# ଚନ୍ଦର ଭାନ୍ ଗୋସାଇଁ

## ବନାମ

## ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

## (ଏସ୍. କେ. ଦାସ, ଏ. କେ. ସରକାର ଏବଂ ଏମ୍. ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତିବୃନ୍ଦ)

*ସର୍ବୋଚ୍ଚ ନ୍ୟାୟାଳୟରେ ଆଇନ କାର୍ଯ୍ୟପଦ୍ଧତି - ଆବେଦନ - ଅଦାଲତ ଦେୟ - ଅନୁଚ୍ଛେଦ 226 ଅନୁଯାୟୀ ଦାଖଲ ହୋଇଥିବା ଏକ ପ୍ରାର୍ଥନା ଅନେକ ମୂଲ୍ୟାଙ୍କନ ଆଦେଶକୁ  ବିରୋଧ କରି ଆଗତ ହୋଇଛି  -ଉଚ୍ଚ ନ୍ୟାୟାଳୟଙ୍କ ଏକ ଅଦାଲତ ଦେୟ ଆଦେଶ ବିରୁଦ୍ଧରେ ଏହି ଆବେଦନ ।*

ଏହି ଆବେଦନ ଉପ-ନିବନ୍ଧକଙ୍କ  ଆଦେଶ ବିରୁଦ୍ଧରେ ଥିଲା ଯାହା ବର୍ତ୍ତମାନର ମାମଲାକୁ ନଅଟି ଆବେଦନ ଭାବରେ ପଞ୍ଜୀକୃତ କରିବାକୁ ଆଦେଶ ଦେଇଥିଲେ ଏବଂ ଆବେଦନକାରୀଙ୍କୁ ନଅ କିତା ଅଦାଲତ ଦେୟ ଦେବାପାଇଁ ବାଧ୍ୟ  କରିଥିଲେ  | ବିଭିନ୍ନ ମୂଲ୍ୟାଙ୍କନ ଆଦେଶର ବୈଧତାକୁ ବିରୋଧ କରି ସମ୍ବିଧାନର ଅନୁଚ୍ଛେଦ ୨୨୬  ଅନୁଯାୟୀ ଏକ ପ୍ରାର୍ଥନରୁ  ଏହି ମାମଲା ଉପ୍ନନ୍ନ ହୋଇଛି ।ଏହି ପ୍ରାର୍ଥନା  ଉପରେ ଉଚ୍ଚ ନ୍ୟାୟାଳୟ  ଗୋଟିଏ ଆଦେଶ ପାରିତ କରିଥିଲେ ଏବଂ ଏହି ଅଦାଲତରେ ଗୋଟିଏ ଆବେଦନ ଦାୟର କରାଯାଇଥିଲା।

*କୁହାଯାଇଛି* ଯେ  ଗୋଟିଏ ଆବେଦନ ପରି ଆବେଦନକାରୀ କେବଳ ଗୋଟିଏ କିତା ଅଦାଲତ ଦେୟ  ଏବଂ ଅନ୍ୟାନ୍ୟ ଦେୟ  ପ୍ରଦାନ କରିବା ଉଚିତ୍ | ଏହା କୁହାଯାଇପାରିବ ନାହିଁ ଯେ ମୂଲ୍ୟାଙ୍କନ ଆଦେଶ ଭଳି ଅନେକ କାର୍ଯ୍ୟାନୁଷ୍ଠାନ ଚାଲିଥିଲା ଯେପରି  ଗୋଟିଏ ପ୍ରାର୍ଥନା ମାଧ୍ୟମରେ  ଅବେଦନକାରୀ ସମସ୍ତଙ୍କୁ ଏକତ୍ର ବିରୋଧ  କରିଛନ୍ତି ।

*ଲାଜୱନ୍ତୀ ସିଆଲଙ୍କ ମାମଲା,* ସ୍ୱତନ୍ତ୍ର ଅନୁମତି ପ୍ରାର୍ଥନା ସଂଖ୍ୟା 673 /1959 ଏବଂ  କିଶିନଚାନ୍ଦ ଚେଲ୍ଲାରାମଙ୍କ *ମାମଲା, ଦେୱାନୀ* ଆବେଦନ ସଂଖ୍ୟା 462 -465/1960  ରେ ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର ଦେୱାନୀ ବିବିଧ ପ୍ରାର୍ଥନା ସଂଖ୍ୟା 1398/1962

ମାର୍ଚ୍ଚ 28,1962 ମସିହାରେ ଦେୱାନୀ ଆବେଦନ ସଂଖ୍ୟା 41ରୁ 49/1962 ରେ ପ୍ରଦାନ କରାଯାଇଥିବା ଉପ-ନିବନ୍ଧକଙ୍କ ଆଦେଶ ବିରୋଧରେ ଏହି ଆବେଦନ ।

*ଏ. ରଙ୍ଗନାଧମ ଚେଟ୍ଟୀ, ବି. ଡି. ଧାୱନ, ଏସ. କେ. ମେହେଟ୍ଟା ଏବଂ କେ. ଏଲ. ମେହେଟ୍ଟା , ଆବେଦନକାରୀଙ୍କ ପାଇଁ ।*

*ଭାରତର ଆଟର୍ଣ୍ଣି ଜେନେରାଲ ସି. କେ. ଡାଫ୍ଟାରୀ, ଆର. ଗଣପତି ଆୟାର ଏବଂ ଆର. ଏନ. ସଚଥେ, ଉତ୍ତରଦାତାମାନଙ୍କ ପାଇଁ* ।

1963 ଏପ୍ରିଲ 5 । ନ୍ୟାୟାଳୟର ଆଦେଶ ନ୍ୟାୟମୂର୍ତ୍ତି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -ଏହା ଉପ-ନିବନ୍ଧଙ୍କ ଆଦେଶ ବିରୁଦ୍ଧରେ ଏକ ଆବେଦନ ଯାହା ବର୍ତ୍ତମାନର ମାମଲାକୁ ନଅଟି ଆବେଦନ ଭାବରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆବେଦନକାରୀଙ୍କୁ ନଅ କିତା ଅଦାଲତ ଦେୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଉପ-ନିବନ୍ଧକ ଏହି ନ୍ୟାୟାଳୟର ଦୁଇଟି ମାମଲା ଉପରେ ନିର୍ଭର କରିଥିଲେ, ଯଥା, ଲାଜୱନ୍ତୀ ସିଆଲଙ୍କ ମାମଲା (ସ୍ୱତନ୍ତ୍ର ଅନୁମତି ପାଇଁ ପ୍ରାର୍ଥନା ସଂଖ୍ୟା 673/1959 ) ଏବଂ କିଶିନଚାନ୍ଦ ଚେଲ୍ଲାରାମଙ୍କ ମାମଲା (ଦେୱାନୀ ଆବେଦନ ସଂଖ୍ୟା 462-465/1960)। ଆମେ ଭାବୁନାହୁଁ ଯେ ଏହି ପୂର୍ବ ନିଷ୍ପତ୍ତିଗୁଡ଼ିକ ବର୍ତ୍ତମାନର ମାମଲାକୁ ଅନ୍ତର୍ଭୁକ୍ତ କରେ ।

ଲାଜୱନ୍ତୀଙ୍କ ମାମଲାରେ ସମାନ ପ୍ରଶ୍ନର ବିଚାର ପାଇଁ ଆୟକର ଅଧିନିୟମ ଧାରା 66 (2) ଅନୁଯାୟୀ ଅନେକ ଆବେଦନ କରାଯାଇଥିଲା ।ବାସ୍ତବରେ ଅନେକ ଅଲଗା ଅଲଗା ସନ୍ଦର୍ଭ ଥିଲା, କିନ୍ତୁ ସେଗୁଡ଼ିକର ମୁକାବିଲା ଗୋଟିଏ ରାୟ ଦ୍ୱାରା କରାଯାଇଥିଲା, ଯେଉଁଥିରୁ ଏହି ନ୍ୟାୟାଳୟରେ ଆବେଦନର ଉତ୍ପତ୍ତି ହୋଇଥିଲା । ଏହା ପ୍ରକୃତରେ ଏକ ସାଧାରଣ ରାୟ ପାଇଁ ପାଞ୍ଚଟି ଆବେଦନର ମାମଲା ଥିଲା ଯାହା ପ୍ରତ୍ୟେକ ଭିନ୍ନ ଭିନ୍ନ ସନ୍ଦର୍ଭ ଭିତ୍ତିକ ମାମଲାରେ ପ୍ରଦାନ କରାଯାଇଛି ବୋଲି ଗ୍ରହଣ କରାଯିବା ଆବଶ୍ୟକ ।

*କିସିନଚାନ୍ଦ ଚେଲ୍ଲାରାମଙ୍କ* ମାମଲା ମଧ୍ୟ ସହାୟକ ନୁହେଁ କାରଣ ଆୟକର ଅଧିନିୟମ 66 (1) ଅନୁଯାୟୀ ପ୍ରତ୍ୟେକ ମୂଲ୍ୟାଙ୍କନ ମାମଲାରେ ଉତ୍ପନ୍ନ ତିନୋଟି ସମାନ ପ୍ରଶ୍ନର ସନ୍ଦର୍ଭ ପାଇଁ ଚାରି ଜଣ ଭିନ୍ନ ଭିନ୍ନ ଆକଳନକାରୀଙ୍କ ଦ୍ୱାରା ଚାରୋଟି ଆବେଦନ କରାଯାଇଥିଲା । ଏହା କୁହାଯାଇପାରେ ଯେ ବାସ୍ତବରେ ଅନେକ ଗୁଡିଏ ସନ୍ଦର୍ଭଭିତ୍ତିକ ମାମଲା ଥିଲା, ଯଦିଓ ଏହା ପ୍ରତୀୟମାନ ହୁଏ ଯେ ଉଚ୍ଚ ନ୍ୟାୟାଳୟକୁ ଗୋଟିଏ ସନ୍ଦର୍ଭରେ ଆଦେଶ ଦିଆଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଗୋଟିଏ ସନ୍ଦର୍ଭ ଭିତ୍ତିକ ମାମଲା ଭାବରେ ବିବେଚନା କରିଥିଲେ । ତେବେ ବର୍ତ୍ତମାନର ମାମଲାଟି ବିଭିନ୍ନ ମୂଲ୍ୟାଙ୍କନ ଆଦେଶର ବୈଧତାକୁ ଆପତ୍ତିକରି ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆବେଦନରୁ

ରୁ  ଉତ୍ପନ୍ନ ହୋଇଛି । ସ୍ପଷ୍ଟତଃ ଏଠାରେ କେବଳ ଗୋଟିଏ କାର୍ଯ୍ୟାନୁଷ୍ଠାନ ଥିଲା । ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କ  ପାଇଁ ମୂଲ୍ୟାଙ୍କନ ଆଦେଶ ଯେତିକି ଥିଲା, ଗୋଟିଏ ପ୍ରାର୍ଥନା  ଦ୍ୱାରା ସେ ସମସ୍ତଙ୍କୁ ଏକାଠି ବିରୋଧ କରାଯାଇଥିଲା। ଯେତେବେଳେ ଉଚ୍ଚ ନ୍ୟାୟାଳୟଙ୍କ  ରାୟରୁ ଏହି ନ୍ୟାୟାଳୟକୁ ଏହିପରି ଏକ ଆବେଦନ ନିଆଯାଏ, ସେତେବେଳେ ଏହା ଯୁକ୍ତି କରିବା ଅସମ୍ଭବ ଯେ ସେଠାରେ ଗୋଟିଏରୁ ଅଧିକ  ଆବେଦନ ଅଛି | ତେଣୁ, ଆମ ସମ୍ମୁଖରେ ଥିବା ଆବେଦନକାରୀ ଗୋଟିଏ ଅବେଦନଭଳି  କେବଳ ଗୋଟିଏ କିତା ଅଦାଲତ ଦେୟ  ଏବଂ ଅନ୍ୟାନ୍ୟ ଦେୟ ପ୍ରଦାନ କରିବାକୁ ଉତ୍ତରଦାୟୀ | ଆବଶ୍ୟକ ପଡ଼ିଲେ, ଅତିରିକ୍ତ ଦେୟ ଫେରସ୍ତ କରି କାର୍ଯ୍ୟାଳୟ ଦ୍ୱାରା ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*TRANSLATED BY:*

Shri Jatadhari Sethi

Translator, High Court of Orissa, Cuttack.